# କେନ୍ଦୁଝର : କବି ଶ୍ରୀ ଜୟଦେବ ଜୟନ୍ତୀ ପାଳିତ

କେନ୍ଦୁଝର, ତା ୦୩.୦୫. କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଓ ମିଳନୀ ସାହିତ୍ୟ ସଂସଦ ସହଯୋଗରେ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ତା ୦୩.୦୫.୨୦୨୨ ରିଖ ମଂଗଳବାର ଦିନ ଗୀତଗୋବିନ୍ଦର ରଚୟିତା କବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ମହାସମାରୋହରେ ଡି.ଆର.ଡି.ଏ. ସମ୍ମିଳନୀ କକ୍ଷଠାରେ ପାଳିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା ସମାରୋହକୁ ଉଦ୍‌ଘାଟନ କରି ଉଦ୍‌ବୋଧନ ଛଳରେ ଭକ୍ତକବି ଶ୍ରୀ ଜୟଦେବଙ୍କୁ ଜଣେ ମହାନ୍ କବି ଭାବେ ବର୍ଣ୍ଣନା କରି ତାଙ୍କ ରଚିତ ଅମରକୃତି ଗୀତଗୋବିନ୍ଦ ସମଗ୍ର ବିଶ୍ୱ କାବ୍ୟ ସାହିତ୍ୟରେ ଯୁଗ ଯୁଗ ଧରି କାଳଜୟୀ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ । ଶ୍ରୀ ଜୟଦେବ ଆମ ଓଡିଶାର ଗର୍ବ ଓ ଗୌରବ ବୋଲି କହିବା ସହିତ ଜୟଦେବଙ୍କ କୀର୍ତି ଓ କୃତୀ ସଂପର୍କରେ ସାହିତ୍ୟିକମାନେ ଅଧିକ ମନୋନିବେଶ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଆହ୍ୱାନ ଜଣାଇଥିଲେ । ଭାଷଣ ପ୍ରସଂଗରେ ଶ୍ରୀ ମହଲା ଶ୍ରୀ ଜୟଦେବ ଏବଂ ତାଙ୍କର ଅମର ସୃଷ୍ଟି ଗୀତଗୋବିନ୍ଦର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଜୟଦେବ ଏବଂ ଗୀତଗୋବିନ୍ଦର ବ୍ୟାପକ ପ୍ରଚାର, ପ୍ରସାର ଓ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ନିଭାଇବାକୁ ସମସ୍ତେ ଆଗେଇ ଆସିବାକୁ ନିବେଦନ କରିଥିଲେ । ସମ୍ମାନିତ ଅତିଥିଭାବେ ମିଳନୀ ସାହିତ୍ୟ ସଂସଦର ସଭାପତି ଡ଼ଃ ବିମ୍ବାଧର ବେହେରାଙ୍କ ନିଜ ବକ୍ତବ୍ୟରେ ଶ୍ରୀ ଜୟଦେବଙ୍କୁ ରୂପ ସୌନ୍ଦର୍ଯ୍ୟର ଉପାସକ ଓ ଭକ୍ତିର ବାଙ୍ମୟ ସାଧକ ବୋଲି ଅଭିହିତ କରି ଗୀତଗୋବିନ୍ଦକୁ ପୃଥିବୀର ଏକ ଅନନ୍ୟ ଓ ଅନୁପମ ସୃଷ୍ଟି ବୋଲି କହିଥିଲେ । ଶ୍ରୀ ଜୟଦେବ ନିଜର କୃତୀ ଗୀତଗୋବିନ୍ଦରେ ରାଧାକୃଷ୍ଣଙ୍କ ମଧ୍ୟରେ ଥିବା ଅନାବିଳ ଅନନ୍ତ ପ୍ରେମ ଓ ଭକ୍ତିର ଏକ ଅପୂର୍ବ ସମନ୍ୱୟ ସୃଷ୍ଟି କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦରେ ନିଜକୁ ସମର୍ପଣ କରିଦେଇଥିଲେ ବୋଲି କହିବା ସହିତ ଶ୍ରୀ ଜୟଦେବଙ୍କ କୃତୀ ଚିରଦିନ ପାଇଁ ଅମର ରହିବ ବୋଲି କହିଥିଲେ । ମୁଖ୍ୟବକ୍ତା ଦେବାଶିଷ ଚକ୍ରବର୍ତୀ ନିଜ ବକ୍ତବ୍ୟରେ ଶ୍ରୀ ଜୟଦେବଙ୍କ ଜୀବନୀ ଓ ଗୀତଗୋବିନ୍ଦ ଉପରେ ଆଲୋକପାତ କରି ଶ୍ରୀ ଜୟଦେବଙ୍କୁ ଓଡିଶାର ବୋଲି କହିଥିଲେ ଏବଂ ଜୟଦେବଙ୍କ ସାରସ୍ୱତ କୀର୍ତି କିଭଳି ଓଡିଶାର ସାରସ୍ୱତ ଜଗତକୁ ପ୍ରଭାବିତ କରିଛି ତାହା ଅବତାରଣା କରିଥିଲେ । ଗୀତଗୋବିନ୍ଦ ଓଡିଆ ପ୍ରାଣପ୍ରବାହକୁ ଚଳ ଚଂଚଳ କରିଦିଏ । ଏହାର କମନୀୟ ପଦାବଳୀର ଅମୃତମୟ ରସାଶ୍ରୟୀ ବର୍ଣ୍ଣାଢ୍ୟ ବର୍ଣ୍ଣମାଳାରେ ସଜ୍ଜିତ । କାନ୍ତକୋମଳ ପଦ୍ୟମୟ ଶୈଳୀ ଶ୍ରୋତା ଓ ପାଠକକୁ ବିଭୋର କରିଦିଏ ବୋଲି କହିଥିଲେ । ଗୀତଗୋବିନ୍ଦ ସବୁବେଳେ ବିଶ୍ୱ ସାହିତ୍ୟ ଆକାଶକୁ ଅନୁରଣିତ କରୁଥିବ ବୋଲି ସେ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ମିଳନୀ ସାହିତ୍ୟ ସଂସଦର ସମ୍ପାଦକ ପ୍ରଧାପକ ଡଃ ଚିତ ମିଶ୍ର ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦର ଗୀତିମୟତା ଉପରେ ଆଲେଖ୍ୟ ବାଢି ଅନାବିଳ ପ୍ରେମ ଓ ଭକ୍ତିର ଏକ ଅପୂର୍ବ ସମନ୍ୱୟ ସୃଷ୍ଟି କରି ସଂଗୀତକୁ ରସୋତୀର୍ଣ୍ଣ କରିବାରେ ମାଟିର ମହାକବି ଶ୍ରୀ ଜୟଦେବ ସିଦ୍ଧହସ୍ତ ଥିଲେ ବୋଲି କହିବା ସହିତ ଶ୍ରୀ ଜୟଦେବ କେବଳ ସଂଗୀତକାର ନୁହନ୍ତି, ପ୍ରୀତି ଓ ଭକ୍ତିର ଅମନ୍ଦ୍ୟ ମନ୍ଦାକିନୀ ଧାରା ବୁହାଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାବିନ୍ଦରେ ନିଜକୁ ସମର୍ପଣ କରିଦେଇଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ଶ୍ରୀ ଜୟଦେବ ଜୟନ୍ତୀ ପୂଜ୍ୟ ପୂଜାର ଏକ ଅନନ୍ୟ ଧାରା ବୋଲି କହିବା ସହିତ ପ୍ରତିଟି ଓଡିଆ ଶ୍ରୀ ଜୟଦେବ ଏବଂ ଗୀତଗୋବିନ୍ଦ ପାଇଁ ଗର୍ବ ଅନୁଭବ କରିବା ଉଚିତ୍ ବୋଲି କହିଥିଲେ । ଏତଦ୍‌ବ୍ୟତୀତ ଗୀତଗୋବିନ୍ଦ କେବଳ ଏକ ଅନବଦ୍ୟ ସାରସ୍ୱତ ସୃଷ୍ଟି ନୁହେଁ ଏହା ତତ୍କାଳୀନ ଐତିହାସିକ, ଭୌଗଳିକ, ସାଂସ୍କୃତିକ, ସାମାଜିକ, ଅର୍ଥନୈତିକ ଓ ଧାର୍ମିକ ଚିନ୍ତାଧାରାର ବର୍ଣ୍ଣାଢ୍ୟ ଆଲେଖ୍ୟ ବୋଲି ସେ ଅବତାରଣା କରିଥିଲେ । ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର ସଂଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ । ପ୍ରାରମ୍ଭରେ ପଣ୍ଡିତ ମଧୁସୂଦନ ମିଶ୍ର ଓ ପଣ୍ଡିତ ରଙ୍ଗାଧର ବେହେରା ଗୀତଗୋବିନ୍ଦର "ଦଶାବତାର" ଆବୃତି କରିଥିଲେ । ଏତଦବ୍ୟତୀତ ଜିଲ୍ଲାର ମାନ୍ୟଗଣ୍ୟ କବିଙ୍କଦ୍ୱାରା ଶ୍ରୀ ଜୟଦେବଙ୍କ ଉପରେ ଆଧାରିତ କବିତା ଆବୃତି କରିଥିଲେ ।

3/5/2022

ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର